ଭାରତୀୟ ରିଜର୍ଭ ବ୍ୟାଙ୍କ
ବୈଦେଶିକ ମୁଦ୍ରା ବିଭାଗ
କେନ୍ଦ୍ରୀୟ କାର୍ଯ୍ୟାଳୟ
ମୁମ୍ବାଇ-୪୦୦୦୦୧
ଆରବିଆଇ/୨୦୦୪-୦୫/୪୦୨
ଏ.ପି (ଡିଆଇଆର ସିରିଜ୍) ପରିପତ୍ର ନଂ ୩୮

ମାର୍ଚ୍ଚ ୩୧,୨୦୦୫

**ବୈଦେଶିକ ମୁଦ୍ରା ବ୍ୟବସାୟ ପାଇଁ ସମସ୍ତ ପ୍ରାଧିକୃତ ବ୍ୟାଙ୍କ**

ମହାଶୟା/ମହାଶୟ

**ନିବାସୀ ବ୍ୟକ୍ତିମାନଙ୍କ ପାଇଁ ୨୫,୦୦୦ ଆମେରିକୀୟ ଡଲାର ମୂଲ୍ୟ ପର୍ଯ୍ୟନ୍ତ ମୁକ୍ତ ଅର୍ଥ ବିଦେଶୀ ମୁଦ୍ରା ପ୍ରେଷଣର ଉଦାରୀକରଣ ଯୋଜନା**

ଫେବୃଆରୀ ୪,୨୦୦୪ରେ ବ୍ୟାଙ୍କଜାରୀ କରିଥିବା ପରିପତ୍ରର ଅନୁଚ୍ଛେଦ ୩.୪(୩) ପ୍ରତି ପ୍ରାଧିକୃତ ବ୍ୟାଙ୍କ ଶାଖାମାନଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି । ଏହି ପରିପତ୍ର ଅନୁସାରେ ଆର୍ଥିକ କ୍ରିୟାନୁଷ୍ଠାନର କାର୍ଯ୍ୟଦଳ (ଏଫ୍ଏଟିଏଫ) ଦ୍ୱାରା ଚିହ୍ନିତ ଅସହଯୋଗୀ ଦେଶ ଓ ଅଂଚଳ (ଏନସିସିଟିଏସ୍) ଥିବା ଯଥା କୁକ୍ ଦ୍ୱୀପପୁଞ୍ଜ, ମିଶର, ଗୁଆଟେମାଲା, ଇଣ୍ଡୋନେସିଆ, ମିୟାମାର, ନାଉରୁ, ନାଇଜେରିଆ, ଫିଲିପାଇନ୍ସ ଏବଂ ୟୁକ୍ରେନ୍ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଉପରୋକ୍ତ ଯୋଜନା ଅଧୀନରେ ଅର୍ଥ ପ୍ରେରଣକୁ ଅନୁମତି ପ୍ରଦାନ କରାଯାଇନାହିଁ ।

୨. ଏହି ସଂକ୍ରାନ୍ତରେ ଉପରୋକ୍ତ ପ୍ରାଧିକୃତ ବ୍ୟାଙ୍କ ଗୁଡିକୁ ପରାମର୍ଶ ଦିଆଯାଉଛି ଯେ ସେମାନେ ଅସହଯୋଗୀ ଦେଶ ଓ ଅଂଚଳ ଭାବେ କାର୍ଯ୍ୟଦଳ ଦ୍ୱାରା ଚିହ୍ନିତ ଦେଶଗୁଡିକର ରେକର୍ଡ ରଖି ସେହି ଅନୁସାରେ ତାଲିକାର ଅଧୁନାତକ କରି ଉଦାରୀକୃତ ଅର୍ଥ ପ୍ରେରଣ ପରିଯୋଜନା ଅନ୍ତର୍ଗତ କାରବାର ସଂଚାଳନ କରୁଥିବା ସେମାନଙ୍କର ଶାଖା ଗୁଡିକ ଦ୍ୱାରା ସମୟକ୍ରମେ ଆବଶ୍ୟକୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଇପାରିବେ। ଏଥି ପାଇଁ ସେମାନେ ଏଫଏଟିଏଫ ଦ୍ୱାରା ବିଜ୍ଞାପିତ ଅସହଯୋଗୀ ଦେଶ ଗୁଡିକର ନବୀନତମ ତାଲିକା ପାଇବା ପାଇଁ website [www.fatf-gafi.org](http://www.fatf-gafi.org) କୁ ଦେଖିପାରନ୍ତି ।

୩. ଏଡି ବ୍ୟାଙ୍କଗୁଡିକ ଏହି ପରିପତ୍ରର ବିଷୟବସ୍ତୁ ସେମାନଙ୍କର ସଂପୃକ୍ତ ସହାୟକ ଓ ଗ୍ରାହକମାନଙ୍କର ଅବଗତି ନିମନ୍ତେ ଆଣିପାରନ୍ତି ।

୪. ଏହି ପରିପତ୍ରରେ ଥିବା ନିର୍ଦ୍ଦେଶନାମାଗୁଡିକୁ ବୈଦେଶିକ ମୁଦ୍ରା ପରିଚାଳନା ଅଧିନିୟମ (ଏଫଇଏମଏ), ୧୯୯୯ (୧୯୯୯ର ୪୨)ର ଧାରା ୧୦(୪) ଓ ୧୧(୧) ଅନୁଯାୟୀ ଓ ଅନ୍ୟ କୌଣସି ନିୟମ ଅନ୍ତର୍ଗତ ଆବଶ୍ୟକ ଅନୁମତି/ଅନୁମୋଦନ ଗୁଡିକର ବିନା ବିଚାରରେ ଜାରୀ କରାଯାଇଛି ।

ଆପଣଙ୍କର ବିଶ୍ୱସ୍ତ

**ଏଫ.ଆର ଜୋସେଫ୍**
ମୁଖ୍ୟ ମହା ପ୍ରବନ୍ଧକ